# Akashvani, Sambalpur

## SAMBALPURI NEWS EVENING BULLETIN

**27 September 2025- 7.02 pm- 7.12 pm.**

**********************************************

୧- ଇ ଦଶକ୍ ହେଉଛେ ଓଡ଼ିଶାର୍ ସମୃଦ୍ଧିର୍ ଦଶକ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଝାର୍‌ଗୁସୁଡ଼ା ନ ଯୁବ ସମାବେଶ୍‌ଥି ଯୋଗ୍ ଦେଇକରି ୫୦ ହଜାର୍ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ ।

- ସମ୍ବଲ୍‌ପୁର୍- ସର୍ଲା ରେଲ୍ ଓଭର୍‌ବ୍ରିଜ୍ ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୩- ଭୁବ୍‌ନେଶ୍ୱର୍ ନ ୨ ଦିନିଆ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ହେଲା ମୁଲ୍ ।

ଇ ଦଶକ୍ ଓଡ଼ିଶାକେ ସମୃଦ୍ଧି ଆଡ଼୍‌କେ ନେବାର୍ ଦଶକ୍ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଝାର୍‌ସୁଗୁଡ଼ା ଅମ୍‌ଲିପାଲି ପଡ଼ିଆଠାନେ ସେବା ପକ୍ଷ ଅବ୍‌ସରେ ହେଇଥିବା ରାଜ୍ୟସ୍ତରୀୟ ଯୁବ ସମାବେଶ୍‌ଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଓଡ଼ିଶାର୍ ସାମର୍ଥ୍ୟ ଆଉ ଓଡ଼ିଶାବାସୀଙ୍କର୍ ପ୍ରତିଭା ଉପ୍‌ରେ ତାଙ୍କର୍ ବହୁତ୍ ଭର୍‌ସା ଅଛେ । ଇ ଦଶକ୍ ଭିତ୍‌ରେ ରାଏଜେ ବହୁତ୍‌ଟେ ବଡ଼୍ ବଡ଼୍ ପ୍ରକଳ୍ପ ଥାପ୍‌ନା ହେବାର୍‌କେ ଯାଉଛେ । କିଛି ଦିନ୍ ତଲେ କେନ୍ଦ୍ର ସର୍‌କାର୍ ଓଡ଼ିଶା ଲାଗି ୨ ଟା ସେମି କଣ୍ଡକ୍ଟର୍ ୟୁନିଟ୍‌କେ ମଞ୍ଜୁର୍ କରିଛନ୍ । ଇତାର୍‌ସହେତେ ଚିପ୍ ବନାବାର୍ ଲାଗି ଓଡ଼ିଶା ନ ସେମିକଣ୍ଡକ୍ଟର୍ ପାର୍କ ଭିଲ୍ ଥାପ୍‌ନା କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଚିପ୍ ଠାନୁ ମୁଲ୍ କରିକରି ସିପ୍ ତକ୍ ସବୁ କ୍ଷେତ୍ରଥି ଭାରତ୍ ଆତ୍ମନିର୍ଭର୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ଜାହାଜ୍ ତିଆର୍ କର୍‌ବାର୍ ଲାଗି ୧୭ ହଜାର୍ କୋଟି ଟଙ୍କା ପ୍ରଧାନ୍‌ମନ୍ତ୍ରୀ ମଞ୍ଜୁର୍ କରିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-ସେମିକଣ୍ଡକ୍ଟର୍)

ଝାର୍‌ସୁଗୁଡ଼ା ନ ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଦେଶର୍ ଭିତିଭୂମି ଆଉ ଡିଜିଟାଲ୍ ଅଭିବୃଦ୍ଧିକେ ତୁର୍‌ତି କର୍‌ବାର୍ ଲାଗି ୫୦ ହଜାର୍

କୋଟି ନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ ।

ଇ ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ଦୂରସଂଚାର୍, ରେଲ୍‌ବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ୍ ଆଉ ଗ୍ରାମ୍ୟ ଗୃହ ନିର୍ମାଣ୍ ବାଗିର୍ କ୍ଷେତ୍ର ରହିଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ସମ୍ବଲ୍‌ପୁର୍ ଠାନୁ ସର୍ଲା ତକ୍ ୨ ଶହ ୭୩ କୋଟି ଟଙ୍କାର୍ ରେଲ୍ ଫ୍ଲାଏଓଭର୍‌ର ଶିଲାନ୍ୟାସ୍ ସହେତେ ଓଡ଼ିଶାର୍ ୧ ହଜାର୍ ୭ ଶହ କୋଟି ନୁ ଅଏତ୍‌କା ଟଙ୍କାର୍ ୩ ଟା ପ୍ରମୁଖ୍ ରେଲ୍‌ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ଇତାର୍ ସହେତେ ଦେଶର୍ ୮ ଟା ଆଇଆଇଟିର୍ ସମ୍ପ୍ରସାରଣ୍ ଲାଗି ଅର୍ଥ ମଞ୍ଜୁର୍ କରିଛନ୍ । ବ୍ରହ୍ମପୁର୍ ଏମ୍.କେ.ସି.ଜି. ଆଉ ବୁର୍ଲା ଭୀମ୍‌ସାର୍ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍‌ର ସୁପର୍ ସ୍ପେଶାଲିଟି ସ୍ତର୍‌କେ ଉନ୍ନିତିକରଣ୍ ଲାଗି ୩ ହଜାର୍ କୋଟି ଟଙ୍କାର୍ ପ୍ରକଳ୍ପର୍ ଅନୁମୋଦନ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶା ନ ଡବଲ୍ ଇଞ୍ଜିନ୍ ସର୍‌କାର୍‌ଥି ପ୍ରଗତିର୍ ଧାରା ଜାରି ରହିଛେ ବଲି କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-ଡବଲ୍ ଇଞ୍ଜିନ୍)

ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ଓଡ଼ିଶା ନ ଦକ୍ଷତା ବିକାଶ୍‌କେ ଆଗ୍‌କେ ନେବାର୍ ଲାଗି ୧ ହଜାର୍ ୯ ଶହ ୭୯ କୋଟି ଟଙ୍କାର୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଇଟା ଯୁଆନ୍ ପିଢ଼ିକେ ବର୍‌କସ୍ କର୍‌ବାର୍ ସହେତେ ନୂଆଁ ସୃଜନ୍‌କେ ତହଁକାବା ବଲି କହିଛନ୍ ।

ବିଏସ୍ଏନ୍ଏଲ୍ର ୯୭ ହଜାର୍ ୫ ଶହ ନୁ ଅଏତ୍କା ନୂଆଁ ଫୋର୍-ଜି ମୋବାଇଲ୍ ଟାୱାର୍କେ ପ୍ରଧାନ୍ମନ୍ତ୍ରୀ ଶୁଭାରମ୍ଭ କରିଛନ୍ ।

ସେନ୍ତା ପ୍ରଧାନ୍ମନ୍ତ୍ରୀ ବ୍ରହ୍ମପୁର୍ନୁ ସୁରଟ୍ର ଉଧ୍ନାକେ ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍ର ଆଭାସୀ ଜରିଏ ଶୁଭାରମ୍ଭ କରିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ-ଟ୍ରେନ୍)

ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ ଝାର୍ସୁଗୁଡ଼ା ନ ଆଏଜ୍ ଅନ୍ତ୍ୟୋଦୟ ଗୃହ ଯୋଜ୍ନା ଅଧୀନ୍ଥି ରାଏଜେ ୫୦ ହଜାର୍ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବାଂଟିଛନ୍ । ରାଏଜେ ଶିକ୍ଷା ବ୍ୟବସ୍ଥାଥି ଉନ୍ନତି ଆନ୍ବାର୍ ଲାଗି ଶହେ ୩୦ ଟା ଉଚ୍ଚଶିକ୍ଷାନୁଷ୍ଠାନ୍ ନ ୱାଇଫାଇ ବ୍ୟବସ୍ଥାର୍ ଉଦ୍ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ବର୍କସ୍ ନେତୃତ୍ୱଥି ଡବଲ୍ ଇଞ୍ଜିନ୍ ସର୍କାର୍ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ଆଗ୍କେ ବଢୁଛେ ବଲି କହିଛନ୍ । କାର୍ଯ୍ୟକ୍ରମ୍ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍ର ସଦସ୍ୟ ଆଉ ସାଂସଦ୍ ମାନେ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବାକାଏଲ୍ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ        I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଜାତୀୟ ମଧ୍ୟସ୍ଥତା ସମ୍ମିଲନୀ ମୁଲ୍ ହେଉଛେ । ସୁପ୍ରିମ୍‌କୋର୍ଟ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇ ଆଉ କିଛି ସମିଆ ଉତ୍‌ରୁ ଇ ସମ୍ମିଲନୀକେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଆଇନ୍ ଆଉ ନ୍ୟାୟ ବିଭାଗ୍ ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଜାତୀୟ ଆଇନ୍‌ସେବା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଆଉ ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଓଡ଼ିଶା ହାଇକୋର୍ଟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଆଉ ରାଜ୍ୟ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ବହୁତ୍ ବରିଷ୍ଠ ବିଚାର୍‌ପତି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଦୁଇ ଦିନିଆ ସମ୍ମିଲନୀଥି ଭିନ୍ ଭିନ୍ ମାମ୍‌ଲାର୍ ମଧ୍ୟସ୍ଥତା ଜରିଏ କେନ୍ତା କରି ସମାଧାନ୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯିବା ବଲି ଆଇନ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ସ୍ପେଶାଲ୍ ଓଟିଇଟି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷକ୍‌ମାନ୍‌କର୍ ଲାଗି ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା - ସ୍ପେଶାଲ୍ ଓଟିଇଟି ଆଏଜ୍ ହେଇଛେ । ମାଧ୍ୟମିକ ଶିକ୍ଷା ବୋର୍ଡ଼୍ ତର୍‌ଫୁ ପରିଚାଲିତ୍ ଇ ପରୀକ୍ଷା ରାଜ୍ୟର୍ ଶହେ ୯୩ ଟା କେନ୍ଦ୍ର ନ ଶାନ୍ତିଶୃଙ୍ଖଲାର୍ ସହେତେ ଶେଷ୍ ହେଇଛେ । ପରୀକ୍ଷାର୍ ଲାଇଭ୍ ଭିଡ଼ିଓ ଦେଖ୍‌ବାର୍ ଲାଗି ବୋର୍ଡ଼୍ ଠାନେ ନିୟନ୍ତ୍ରଣ କକ୍ଷର ବ୍ୟବସ୍ଥା କରାଯାଇଥିଲା ।

ବିଶ୍ୱ ପର୍ଯ୍ୟଟନ୍ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଯ୍ୟଟନ୍ ଆଉ ସ୍ଥାୟୀ ପରିବର୍ତନ୍‌ର ବାର୍ତା ନେଇକରି ଆଏଜ୍ ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ପାଲନ୍ କରାଯାଉଛେ । ୧୯୮୦ ମସିହା ଠାନୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ୍ ସଂଗଠନ୍ ତର୍‌ଫୁ ସେପ୍ଟେମ୍ବର୍ ମାସର୍ ୨୭ ତାରିଖ୍‌କେ ସାରା ପୁର୍‌ଥି ନ ପର୍ଯ୍ୟଟନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶର୍ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଆଉ ପର୍ଯ୍ୟଟନ କ୍ଷେତ୍ରକେ ବିଶ୍ୱସ୍ତର୍‌ଥି ପରିଚିତ କର୍‌ବାର୍ ଦିଗେ ଇ ଦିବସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମକା ରହିଛେ । ଇ ଅବ୍‌ସରେ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ବିଶ୍ୱ ପର୍ଯ୍ୟଟନ୍ ଦିବସ୍ -ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ଠାନେ ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ପାଲିତ୍ ହେଇଯାଇଛେ । ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଲକ୍ଷ୍ମଣ ଅମାତ୍‌ଙ୍କର୍ ଦେଖିରେଖି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଜିଲ୍ଲାର୍ ପର୍ଯ୍ୟଟନ୍ ସ୍ଥଲୀର୍ ବିକାଶ୍, ବିଶ୍ୱବ୍ୟାପୀ ପର୍ଯ୍ୟଟନ୍ ସ୍ଥଲୀର୍ ସାମାଜିକ, ସାଂସ୍କୃତିକ୍, ରାଜନୈତିକ ଆଉ ଅର୍ଥନୈତିକ୍ ମୂଲ୍ୟବୋଧ ବାବ୍‌ଦେ ସଚେତନ୍ କର୍‌ବାର୍‌ଟା ଇ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ବଲି କହିଛନ୍ ।

ସେବା ପର୍ବ-ଭାରତ୍ ଏଆଇ ମିଶନ ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରେଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍

ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସର୍‌କାର୍ ଦେଶର୍ ସମୃଦ୍ଧ ଐତିହ୍ୟ ଆଉ ଶହୀଦ୍‌ମାନ୍‌କୁ ସମ୍ମାନିତ୍ କର୍‌ବାର୍ ଲାଗି ସର୍‌କାର୍ ନେଇଥିବା ପଦକ୍ଷେପ୍ ବାବ୍‌ଦେ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଇତିହାସ୍ ସଂରକ୍ଷଣ୍ ଆଉ ଦେଶ୍‌ପ୍ରେମ୍ ଭାବ୍‌ନାକେ ତହଁକାବାର୍ ସହେତେ ଆଏବା ପିଢ଼ି ଭିତ୍‌ରେ ତ୍ୟାଗ ଭାବ୍‌ନା ଜଗାବାର୍ ଲାଗି କେନ୍ଦ୍ର ସର୍‌କାର୍ ବହୁତ୍‌ଟେ ପ୍ରତୀକାତ୍ମକ ସ୍ମାରକୀ ଆଉ ଜାତୀୟ ଗର୍ବର୍ ପ୍ରତୀକ ଥାପ୍‌ନା କରିଛନ୍ । ଇ ସବୁ ନ ଫି’ ରାଜ୍ୟ ଗଠନ୍‌ଥି ବଳିଦାନ୍ ଦେଇଥିବା ବୀର ମାନ୍‌କର୍ ଚିନ୍ତାଧାରା, ସଂଗ୍ରାମୀ ଜୀବନ୍, ତ୍ୟାଗ ଆଉ ଦୃଷ୍ଟିକୋଣ ଦେଖିବାର୍‌କେ ମିଲ୍‌ସି । ନୂଆଁ ସଂସଦ୍ ଭବନ୍ ଉଦ୍‌ଘାଟନ୍ ଅବ୍‌ସରେ ସଂଗ୍ରାମୀ ମାନ୍‌କର୍ ସ୍ମାରକୀ ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯାଇଛେ ।*

*(ଭଏସ୍ ଓଭର-ପ୍ରଧାନମନ୍ତ୍ରୀ)*

*(ସେବା ପର୍ବ ଏସ୍.ଟି)*

ଜିଲ୍ଲାପାଲ୍- ପେଟ୍ରୋଲ୍ ନିୟମ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଫି’ ବୁଧବାର୍ ଦିନ

ହେଲ୍‌ମେଟ୍ ନାଇଁ ପିନ୍ଧ୍‌ଲେ ଲୁକ୍‌କୁ ପେଟ୍ରୋଲ୍ ନାଇଁ

ଦେବାର୍‌କେ ପେଟ୍ରୋଲ୍ ପମ୍ପ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ରାସ୍ତା ଦୁର୍ଘଟଣାକେ ଆଏତ୍ କର୍‌ବାର୍ ସହେତେ ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଜିଲ୍ଲାପାଳ୍ ଏନ୍ତା ଗୁଟେ ଅଭିନବ ପଦକ୍ଷେପ୍ ନେଇଥିବାର୍ କହିଛନ୍ ।

ଖନ୍ଦା ଯାତ୍ରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ କାମ୍‌ପୁର୍ ଠାନେ ଖନ୍ଦା ଯାତ୍ରା ହେଇଯାଇଛେ । ମା’ ବସ୍ତ୍ରାଣୀ, ମା’ ଠାକୁରାଣୀ, ମା’ ପର୍‌ଦେଶେନ୍, ମା’ ଧରଣୀ ଆଉ ମା’ ରାକାମ୍ ଙ୍କର୍ ଇ ଯାତ୍ରାଥି ବରୁଆମାନେ ଅଙ୍ଗ୍‌ରା ଉପ୍‌ରେ ଚାଲିଥିଲେ । ଇ ଅବ୍‌ସରେ ଲୁକେ ନିଜର୍ ମଙ୍ଗଲ୍ ଲାଗି ଦେବୀମାନ୍‌କର୍‌ନୁ ଆଶିର୍ବାଦ୍ ନେଇଥିଲେ ।

ପାଣିପାଗ ସମ୍ବଲପୁର ସମ୍ବାଦଦାତା

ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଘୂର୍ଣ୍ଣିବଳୟ - ଲଘୁଚାପ୍‌ଥି ବଦ୍‌ଲିବାର୍ ଉତ୍‌ରୁ ଆଏଜ୍ ଉତର୍ ପର୍ଶ୍ଚିମ ଆର୍ ତାର୍ ପାଖର୍ ପର୍ଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ପାଖେ ଅବପାତ ରୂପ୍ ନେଇଛେ । ଇଟା ଆଏଜ୍ ଦକ୍ଷିଣ ଓଡ଼ିଶା ଆର୍ ଉତର୍

ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ଇଲାକା ଦେଇକରି ଯାଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ସୋମ୍‌ବାର୍‌ତକ୍ ରାଏଜେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।  ସେଆଡ଼େ ଆଏବା ୧ ତାରିଖ୍ ଦିନ ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ପାଖର୍ ଉତର୍‌ଦିଗେ ଇ ଲଘୁଚାପ୍ କ୍ଷେତ୍ର ବନ୍‌ବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ  ଆଏଜ୍ ଖେପ୍ ଖେପ୍ କରି ୧୪ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୬ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ସଞ୍ଝର ୬ ବଜେ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୨୭ ଦଶ୍‌ମିକ୍ ୮/୯ ଫୁଟ୍ ରହିଛେ ।